# ମଦ ବ୍ୟବସାୟୀ କୋର୍ଟଚାଲାଣ

**ତରଭା: ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି । ବୁଦେଲବାହାଲି ଗ୍ରାମର ତାରାକାନ୍ତ ମହାନନ୍ଦ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବର ପାଇ ତରଭା ପୋଲିସ ଚଢ଼ାଉ କରି ଦେଉଳପଦର ଡାକ୍ତର ଖାନା ପାଖରୁ ଗିରଫ କରିଥିଲା । ଏନେଇ କେସ ନମ୍ବର ୧୪୮ରେ ଏକ ମାମଲା ରୁଜୁ କରି ସୋନପୁର କୋର୍ଟକୁ ଚାଲାଣ କରିଥିବା ଜଣା ପଡିଛି ।

# ସ୍ଥାନୀୟ ସମସ୍ୟା ନେଇ ବିଭିନ୍ନ ସ୍ଥାନରେ ବିଜେପିର ବିକ୍ଷୋଭ

**ବୌଦ୍ଧ**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ସହରରେ ଗତ ୧୬ ତାରିଖ ଦିନ ଭାରତୀୟ ଜନତା ପାର୍ଟି ପକ୍ଷରୁ ଓଡ଼ିଆଙ୍କ ହକ୍ ପାଇଁ ଲଢ଼େଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ଏକ ବାଇକ୍ ଶୋଭାଯାତ୍ରା ପରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଠାରେ ଆୟୋଜିତ ଏକ ସଭାରେ ଭାଜପା ପକ୍ଷରୁ ଦଳୀୟ ନେତାମାନେ ରାଜ୍ୟର ବିଜେଡି ସରକାର ଉପରେ ବର୍ଷିଥିଲେ । ଜିଲ୍ଲା ଭାଜପା ସଭାପତି ସୌମିତ୍ରୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ସଚ୍ଚିଦାନନ୍ଦ ଦଲାଲ, କମଳାକାନ୍ତ ପାଣ୍ଡେ, ସୂର୍ଯ୍ୟନାରାୟଣ ମହାପାତ୍ର, ମନୋରଞ୍ଜନ ଦାସ, ସୁଧାଂଶୁ ଡାଙ୍ଗ, ବିପ୍ରଚରଣ ମହାନ୍ତି, ନମିତା ଦାସ, ମାଗୁଣି ଗାଇଗୌରିଆ ଓ ସୁକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କେନ୍ଦ୍ରର ଭାଜପା ସରକାରର ସଫଳତା ଓ ଓଡ଼ିଆଙ୍କ ହକ୍ ପାଇଁ ଲଢ଼େଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ ।




**ଗଞ୍ଜାମ:** ବିଜେପି ଯୁବମୋର୍ଚ୍ଚାର ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏନ୍ଏସି ସଭାପତି କାନ୍ତାରି ଦଳେଇ, ପୂର୍ବତନ ଜିଲ୍ଲା ସଭାପତି, ମଣ୍ଡଳ ସଭାପତି କୀର୍ତ୍ତନ ଦାଶଙ୍କ ସହ ଯୋଗରେ ଶତାଧିକ କର୍ମୀ ଗଞ୍ଜାମ ଏନ୍ଏସି ଜଗନ୍ନାଥଙ୍କ ପୀଠରୁ ଶୋଭାଯାତ୍ରାରେ ବାହାରି ଗଞ୍ଜାମ ବଡ଼ବଜାର ଦେଇ ଗଞ୍ଜାମ ବ୍ଲକ୍ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ସେଠାରେ ଆଇନଜୀବୀ ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା କରାଯାଇଥିଲା ।

ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ ଯୋଗାଣ, ଅଘୋଷିତ ବିଜୁଳିକାଟ୍, ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ କରି ଏଥିରେ ଅନିୟମିତତା କରିଥିବା ଦୋଷୀଙ୍କ ପ୍ରତି ଦଣ୍ଡବିଧାନ କରାଯିବାକୁ ଦାବି କରାଯାଇଥିଲା । ଏହି ଅବସରରେ ଗଞ୍ଜାମ ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା ।

**ଚୌଦ୍ୱାର:** ଭାରତୀୟ ଜନତା ପାର୍ଟି ପକ୍ଷରୁ ୧୧ ନଂ ଜୋନ୍‌ର ଥିବା ବିଭିନ୍ନ ସମସ୍ୟା ନେଇ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା । ନୟନ କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମଣ୍ଡଳର ସମସ୍ତ ପଞ୍ଚାୟତ ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରା ବାଣିପଦା ଜଗନ୍ନାଥ ମନ୍ଦିରରୁ ସକାଳ ୧୦ଟାରୁ ବାହାରି ଦେବୀନଦୀର ଇନ୍ଦ୍ରାବତୀ ପାଟଣା, କୟଳପଡ଼ା, ନୂଆପାଟଣା, ପୋପଡ଼ା, ଜେନିପୁର, ଧୁମାବତୀ ଛକ ଦେଇ କଳିଙ୍ଗ ଛକ ନାଗେଶ୍ୱର ଠାରେ ଶୋଭାଯାତ୍ରା ପହଞ୍ଚିଥିଲା ।

**ରାଇକିଆ:** କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ବିଜେପି ପକ୍ଷରୁ ସୋମବାର ରାଇକିଆ ବ୍ଲକ୍‌ର ବିଭିନ୍ନ ସମସ୍ୟାର ଅଭାବ ଅସୁବିଧା ଆଦିର ପ୍ରତିବାଦ କରି ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବି କରିବା ସହ ମଣ୍ଡାକିଆ ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା, ବିପିଏଲ୍ ପରିବାରକୁ ବିଦ୍ୟୁତ ସଂଯୋଗ, ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଭଳି ବିଭିନ୍ନ ମୌଳିକ ସମସ୍ୟା ନେଇ ସରକାର ବିରୋଧରେ ନାରାବାଜି କରିଥିଲେ । ଏହି କାର୍ଯ୍ୟକ୍ରମରେ ରାମବିସ୍ ଦିଗାଳ, କମଳାକାନ୍ତ ପାଣ୍ଡେ, ଜିଲ୍ଲା ପରିଷଦ ସଭ୍ୟା ଝୁଲିମା ଦଳବେହେରା, ମଣ୍ଡଳ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସଂପାଦକ ତାପସ ଦଳବେହେରାଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କର୍ମୀ ଯୋଗଦେଇଥିଲେ ।

**ବୈଶିଙ୍ଗା:** ବେତନଟୀ ବ୍ଲକ୍ ବିଜେପି ୩୬ ନଂ ଜୋନ୍, ବୈଶିଙ୍ଗା ମଣ୍ଡଳ ଓ ୩୭ ନଂ ଜୋନ୍ ରଘୁପୁର ମଣ୍ଡଳର ଏକ ମିଳିତ ଆନ୍ଦୋଳନ ବୈଶିଙ୍ଗା ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଘୋଷିତ ବିଦ୍ୟୁତକାଟ୍, ଡାକ୍ତରଖାନାରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକ ଅଭାବ, ରାସ୍ତା ମରାମତି, ରାସନ କାର୍ଡ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ ଓ ବିଭିନ୍ନ ସ୍ଥାନୀୟ ସମସ୍ୟାକୁ ନେଇ ଆନ୍ଦୋଳନ ହୋଇଥିଲା । ଏହାକୁ ମୟୂରଭଞ୍ଜ ଜିଲ୍ଲା ସଂପାଦକ ଜିରେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ । ଉକ୍ତ ଆନ୍ଦୋଳନରେ ୩୬ ନଂ ଜୋନ୍ ସଭାପତି ରତିକାନ୍ତ ମହାନ୍ତ ୩୭ ନଂ ଜୋନ୍ ସଭାପତି ସର୍ବେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ ।

**ବ୍ରହ୍ମପୁର :** ବିଜେପି ଶିଳ୍ପାଞ୍ଚଳ ମଣ୍ଡଳ ତରଫରୁ ୬ଦଫା ଦାବି ନେଇ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମହାନଗର ନିଗମର ୩୭ ଓ ୩୮ ନଂ ୱାର୍ଡ଼ରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଆମ୍ବପୁଆ କାଳିମନ୍ଦିର ଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଏକ ଦାବିପତ୍ର ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ବିଏମ୍‌ସିର ୩୭ ଓ ୩୮ ନଂ ୱାର୍ଡ଼ରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଉପ ଜିଲ୍ଲାପାଳଙ୍କୁ ମଣ୍ଡଳ ତରଫରୁ ଅବଗତ କରାଯାଇଥିଲା । ଏହି ଦୁଇ ଅଞ୍ଚଳରେ ବନ୍ଧ, ଡ୍ରେନ୍ , ଆଲୋକୀକରଣ କାମ ହୋଇନଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି କାହ୍ନୁଚରଣ ପତି, ମଣ୍ଡଳ ସଭାପତି ରାମ ପ୍ରସାଦ ସାମଲ, ସମ୍ପାଦକ ପ୍ରମୋଦ କୁମାର ମଣ୍ଡଳ,କେ. ମୋହନ ରାଓ, ତୁମ୍ବେଶ୍ୱର ରାଓ, ସୁନୀଲ ସାହୁ, ଶରତ ସାହୁ, ରାମ କୁମାର ପାତ୍ର, ରବି ରଥ, ମଦନ ମୋହନପାତ୍ର, ଯୁବ ମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ଗଙ୍ଗଦେବ, ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## କର୍ତ୍ତବ୍ୟନିଷ୍ଠାର ଅନନ୍ୟ ଉଦାହରଣ

# ନଦୀପାର ହୋଇ ଟିକାକରଣ କରାଇଲେ ସ୍ୱାସ୍ଥ୍ୟକର୍ମୀ



**ପାତ୍ରପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁଙ୍କୁ ସୁସ୍ଥସବଳ, ନିରୋଗ ରଖିବା ପାଇଁ ସରକାର ମିଶନ ଇନ୍ଦ୍ରଧନୁଷ ମାଧ୍ୟମରେ ଟିକାକରଣ ବ୍ୟବସ୍ଥା କରିଛନ୍ତି । ଟିକାକରଣରୁ ଯେପରି କୌଣସି ଶିଶୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଉପରିସ୍ଥ ପଦାଧିକାରୀମାନେ କଡ଼ା ତାଗିଦ୍ ଥିବାବେଳେ ମିଶନ ଇନ୍ଦ୍ରଧନୁଷକୁ ସଫଳ କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଅଣ୍ଟାଏ ପାଣିରେ ବଗୀ ନଦୀ ପାର ହୋଇଛନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ । ପାତ୍ରପୁର ବ୍ଲକ୍ ଖାରିଆଗୁଡ଼ା ସ୍ୱାସ୍ଥ୍ୟକର୍ମୀ ବାବୁନି ନାୟକ, ଆଶାକର୍ମୀ ପ୍ରମିଳା ସାହୁ ନଦୀ ପାର ହୋଇ ଜିରାଙ୍ଗ ଗ୍ରାମରେ ପହଞ୍ଚି ଗ୍ରାମର ଶିଶୁମାନଙ୍କୁ ଟିକାକରଣ କରିଥିଲେ । ରାଜ୍ୟ ସରକାର ବିଜୁ ସେତୁ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗ୍ରାମକୁ ସାମାନ୍ୟ ପାଦଚଲା ପୋଲଟିଏ ନାହିଁ । ଆଦିବାସୀମାନେ ବହୁ ଗୁହାରୀ କରିଥିଲେ ମଧ୍ୟ କିଛି ଫଳପ୍ରଦ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ।

# ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଉପରେ ମୁଖ୍ୟ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ସାମୁଦ୍ରିକ କଇଁଛ ଅଲିଭ ରିଡଲେର ଏହି ସିଜିନର ଅଣ୍ଡାଦାନ ରକ୍ଷା ଓ ସଂରକ୍ଷଣ ପାଇଁ ପ୍ରଶାସନ ପ୍ରସ୍ତୁତ ହୋଇ ରହିଛି । ଏନେଇ ବୁଧବାର ରାଜ୍ୟ ସଚିବାଳୟର କନ୍‌ଫରେନ୍ସିଂ ହଲରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବିଷୟରେ ନିଆଯାଇଥିବା ପଦକ୍ଷେପକୁ ସମୀକ୍ଷା କରି ଶ୍ରୀ ପାଢ଼ୀ ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ଓ ସାମୁଦ୍ରିକ ମେରାଇନ ପୋଲିସଙ୍କୁ ମିଳିତଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଟରକ୍ଷକ ବଳଙ୍କୁ ଅନୁରୋଧ କରାଯାଇଛି ଯେ, ଧାମରା, ଗୋପାଳପୁର ଓ ପାରାଦ୍ୱୀପଠାରେ ହେଉଥିବା ଅନୈତିକ ମାଛମରା ବିଷୟରେ ବିଭାଗକୁ ଜଣାଇବାକୁ ଅନୁରୋଧ କରାଯାଇଛି । ମୁଖ୍ୟ ସଚିବ ଶ୍ରୀ ପାଢ଼ୀ କହିଛନ୍ତି ଯେ, ପାରମ୍ପରିକ କେଉଟମାନଙ୍କୁ ଅଯଥାରେ ହଇରାଣ ନକରିବା ଏବଂ ଯେଉଁମାନେ କଇଁଛମାନଙ୍କ କ୍ଷତି ପହଞ୍ଚାଉଛନ୍ତି ସେମାନଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ମଧ୍ୟ ନିଷ୍ପତ୍ତି ହୋଇଛିକି ଏହି ସମୟରେ କେଉଟମାନଙ୍କ ଅତିରିକ୍ତ ଆୟ ପାଇଁ ଅନ୍ୟକିଛି ବ୍ୟବସ୍ଥା କରାଯିବ । ବୈଠକ ପରେ ଗଣମାଧ୍ୟମକୁ ୱାଇଲ୍ଡ ଲାଇଫର ପିସିସିଏଫ୍ ସନ୍ଦୀପ ତ୍ରିପାଠୀ କହିଛନ୍ତି ଯେ, ଗତବର୍ଷ ପାଖାପାଖି ୯.୬୭ ଲକ୍ଷ ଅଲିଭ ରେଡଲି କଇଁଛ ଆସିଥିଲେ । ଏଥିପାଇଁ ସାମୁଦ୍ରିକ ତଟରକ୍ଷକ, ନାଭାଲ, ଆଇଟିଆର୍, ପୋଲିସ, ମତ୍ସ୍ୟ ଓ ପଶୁ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗଙ୍କ ସହଯୋଗ ଦରକାର ବୋଲି ସେ କହିଛନ୍ତି । ଏହି କାର୍ଯ୍ୟ ଯୋଜନା ନଭେମ୍ବର ୨୦୧୭ରୁ ଆରମ୍ଭ ହୋଇ ଏହା ମେ' ୨୦୧୮ ପର୍ଯ୍ୟନ୍ତ ଚାଲିବ । ଏହି ବୈଠକରେ ସଚିବ ସୁରେଶ କୁମାର ମହାପାତ୍ର, ଏସ୍. ତ୍ରିପାଠୀ, ଦେବୀଦତ୍ତ ବିଶ୍ୱାଳ, ଡ. ପ୍ରିୟମ୍ବଦା ମହାନ୍ତି ଏବଂ ଏହି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦୁଇ ରହସ୍ୟଜନକ ମୃତ୍ୟୁର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ରାଜନାଥଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

**ଭୁବନେଶ୍ୱର**
**ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଜିଲ୍ଲା ନିଆଳି ଗ୍ରାମର ଦୀପଜ୍ୟୋତି ଓଝା ଏବଂ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକ ଗ୍ରାମର ମୁକେଶ କୁମାରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହଙ୍କୁ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି । ଏହି ଦୁଇଟି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ସେ ତାଙ୍କ ଚିଠିରେ ଲେଖିଛନ୍ତି, ଗତ ଜୁନ୍ ୨ ତାରିଖରେ ବଡ଼ଚଣାର ଦୀପଜ୍ୟୋତି ନଈକୁ ଗାଧୋଇବା ପାଇଁ ଯାଇ ଆଉ ଫେରିନଥିଲେ । ଦୀର୍ଘ ସମୟ ଖୋଜାଖୋଜି ପରେ ନଈରୁ ତାଙ୍କର ମୃତଦେହ ମିଳିଥିଲା । ପୋଲିସ ଏହା ଏକ ଅପମୃତ୍ୟୁ ମାମଲା ବୋଲି କହୁଥିଲାବେଳେ ଘଟଣା ପଛରେ କିଛି ଷଡ଼ଯନ୍ତ୍ର ଥିବା ଅଭିଯୋଗକାରୀ ଅମର ନାୟକ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ସେହିପରି ବାଲିଚନ୍ଦ୍ରପୁର ଥାନା ଜନକ ଗ୍ରାମର ମୁକେଶ କୋରାପୁଟ ଜିଲ୍ଲା ବି.ସିଙ୍ଗପୁର ଅଞ୍ଚଳର ଏକ ବେସରକାରୀ କମ୍ପାନୀରେ ଇଞ୍ଜିନିୟର ଭାବେ କାମ କରୁଥିଲେ । ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ସେତେବେଳେ କୁହାଯାଇଥିଲା । ମାତ୍ର ତାଙ୍କ ଶରୀରରେ କୌଣସି କ୍ଷତଚିହ୍ନ ନଥିବାରୁ ଏହା ଦୁର୍ଘଟଣା ନୁହେଁ ବରଂ ହତ୍ୟା ବୋଲି ତାଙ୍କ ପରିବାର ଲୋକେ ସନ୍ଦେହ କରି ଏକ ପତ୍ର ଶ୍ରୀ ପ୍ରଧାନଙ୍କ ନିକଟକୁ ପଠାଇଥିଲେ । ଏହି ଉଭୟ ଘଟଣା କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବଡ଼ଚଣାର ବିଜେପି ଶାଖା ସଦସ୍ୟ ଅମର କୁମାର ନାୟକ ଦାବି କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ତେଣୁ ଏହି ଉଭୟ ଘଟଣାର ତଦନ୍ତ ନିର୍ଦ୍ଦେଶ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା କରାଇବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ।

# ଡାକ୍ତର ନଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ନିଯୁକ୍ତି ପାଇବେ ଷ୍ଟାଫ୍ ନର୍ସ : ମନ୍ତ୍ରୀ

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ଗୋଷ୍ଠୀ ସ୍ୱାସ୍ଥ୍ୟ ଚିକିତ୍ସକ ଭାବେ କାର୍ଯ୍ୟ କରିବା ନିମନ୍ତେ ଷ୍ଟାଫ୍ ନର୍ସ ଏବଂ ଆୟୁର୍ବେଦିକ ଡାକ୍ତରମାନଙ୍କ ନିମନ୍ତେ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ମୋଡାଲିଟି ଅନୁମୋଦିତ ହୋଇଛି । ସେମାନଙ୍କୁ ଇଗ୍ନୋ ମାଧ୍ୟମରେ ୬ ମାସର ପାଠ୍ୟକ୍ରମ ସହିତ ପ୍ରାକ୍ଟିକାଲ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ । ପ୍ରାଥମିକ ପର୍ଯ୍ୟାୟରେ ନିୟମିତ ଭାବେ କାର୍ଯ୍ୟ କରୁଥିବା ଷ୍ଟାଫ୍ ନର୍ସମାନେ ଏହି ପାଠ୍ୟକ୍ରମ ପାଇଁ ଆଗ୍ରହୀ ନହେବା ଯୋଗୁଁ ଜାତୀୟ ସ୍ୱାସ୍ଥ୍ୟମିଶନ ଅଧିନରେ କାର୍ଯ୍ୟ କରୁଥିବା ଚୁକ୍ତିଭିତ୍ତିକ ଷ୍ଟାଫ୍ ନର୍ସମାନଙ୍କୁ ଏହି ପାଠ୍ୟକ୍ରମ ପାଇଁ ଚୟନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ସେହିପରି ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କରେ କାର୍ଯ୍ୟ କରୁଥିବା ଚୁକ୍ତିଭିତ୍ତିକ ଆୟୁର୍ବେଦିକ ଡାକ୍ତରମାନଙ୍କୁ ଏହି ପାଠ୍ୟକ୍ରମ ନିମନ୍ତେ ପଠାଯିବ । ଏହି ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବା ପରେ ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆଦୌ ଡାକ୍ତର ନାହାନ୍ତି ସେହିସବୁ ସ୍ଥାନରେ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ ବୋଲି ଶ୍ରୀ ଜେନା କହିଛନ୍ତି । ଏମାନେ ଅନ୍ତତଃ ପକ୍ଷେ ୫ ବର୍ଷ କାର୍ଯ୍ୟ କରିବା ନିମନ୍ତେ ବଣ୍ଡ ସାଇନ୍ କରିବାକୁ ପଡ଼ିବ ।

# ସମସ୍ୟା ସମାଧାନ ପାଇଁ ଶିକ୍ଷା ସଚିବଙ୍କ ପ୍ରତିଶ୍ରୁତି

**ଭଦ୍ରକ**
**ଏକ୍ସପ୍ରେସ୍ ନ୍ୟୁଜ୍**



ଭଦ୍ରକ,୧୭।୧୦ :ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଫେଡ୍ରେସନ୍, ଖାରବେଳ ନଗର, ଭୁବନେଶ୍ୱର ସଭାପତି ତ୍ରିଲୋଚନ ନାୟକ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ମହାନ୍ତି, ଶିକ୍ଷକ ନେତା ରାଧାଗୋବିନ୍ଦ ରଥ, ତେଜରାଜ ହୋତା, ରାଜ କିଶୋର ସାହୁ, ଉଷାରାଣୀ ପଣ୍ଡା, ଗୌରାଙ୍ଗ ମଲ୍ଲିକ ପ୍ରମୁଖ ଗତକାଲି ଶିକ୍ଷା ସଚିବ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଶିକ୍ଷକ ମାନଙ୍କର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ସଚିବ ମହୋଦୟ ଅତିରିକ୍ତ ଶିକ୍ଷା ସଚିବ ଶ୍ରୀଯୁକ୍ତ ବିଶ୍ୱନାଥ ପ୍ରଧାନ ମହୋଦୟଙ୍କୁ ସାକ୍ଷାତ କରି ପ୍ରାଥମିକ ଶିକ୍ଷକମାନଙ୍କର କଥାରେ ଉଚ୍ଚବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ ପ୍ରସଙ୍ଗ ସହିତ ଅନ୍ୟାନ୍ୟ ସମସ୍ତ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ।

# ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ତାଲିମଦାତା ରୂପେ ହରିହର ପାଢ଼ୀ ସମ୍ମାନିତ

**ଆସିକା: ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ତାଲିମଦାତା ରୂପେ ଆସିକାର ହରିହର ପାଢ଼ୀଙ୍କୁ ଉତ୍କଳବାଳାଶ୍ରମରେ ଆୟୋଜିତ ବିଜୁ କନ୍ୟାରତ୍ନ ସପ୍ତାହ ଉଦ୍‌ଯାପନ ଦିବସରେ ସମ୍ମାନିତ କରାଯାଇଛି । ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଦିବସରେ ସମ୍ମାନିତ କରାଯାଇଛି । ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ସହାୟତାରେ ଆୟୋଜିତ ବିଜୁ କନ୍ୟାରତ୍ନ ସପ୍ତାହ ତଥା ଦ ଚଟର ଅଫ୍ ଓଡ଼ିଶା କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁକାନ୍ତ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ବୈରାଗୀ ପାତ୍ର, ଗଞ୍ଜାମ ଜିଲ୍ଲାରେ ବିଜୁ କନ୍ୟାରତ୍ନ ଯୋଜନା, ଓଡ଼ିଶା ଜୀବିକା ମିଶନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଭଳି ବହୁ ସଂଗଠନରେ ତାଲିମ ପ୍ରଦାନରେ ଶ୍ରେଷ୍ଠତା ନିମନ୍ତେ ହରିହର ପାଢ଼ୀଙ୍କୁ ମୁଖ୍ୟ ଅତିଥି ଏଡିଏମ୍ ସୁକାନ୍ତି ମିଶ୍ର ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ ।

# ପୀଡ଼ିତା ଓ ସନ୍ଦିଗ୍ଧଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ ହେବ : ଡିଜି

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଜିଲ୍ଲା କୁନ୍ଦୁଲି ନାବାଳିକା ଗଣଦୁଷ୍କର୍ମ ଘଟଣାରେ ପୋଲିସ ସଫଳତା ପାଇପାରୁନାହିଁ । ଗୋଟିଏ ପଟେ ଏହାକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଥିବାବେଳେ ମାଓବାଦୀମାନେ ମଧ୍ୟ ଅପରାଧୀମାନଙ୍କୁ ଗିରଫ କରିବା ଦାବିରେ ବନ୍ଦ ଡାକରା ଦେଇଛନ୍ତି । ଏପରି ସ୍ଥିତିରେ ପୋଲିସ ଗତ ଦୁଇଦିନ ତଳେ ଅଟକ ରଖିଥିବା ପୀଡ଼ିତାଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ ୩ ଜଣଙ୍କୁ ଛାଡ଼ି ଦେଇଥିବାବେଳେ ବୁଧବାର ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର କୁମାର ଶର୍ମା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଡିଜି ଡା. ଶର୍ମା କହିଛନ୍ତି, କୁନ୍ଦୁଲି ନାବାଳିକା ଗଣଦୁଷ୍କର୍ମ ଘଟଣାରେ ଆବଶ୍ୟକ ହେଲେ ପୀଡ଼ିତା ଓ ସନ୍ଦିଗ୍ଧଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ । ପୀଡ଼ିତା ବାରମ୍ବାର ବୟାନ ବଦଳାଉଥିବା ଯୋଗୁଁ ତାଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି ଡିଜି ସୂଚନା ଦେଇଛନ୍ତି । ଏହି ଘଟଣାରେ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ । ଘଟଣା ପଛରେ ଯବାନଙ୍କ ହାତ ଥିବା ଅଭିଯୋଗ ହେଉଥିବାବେଳେ ଏ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ । ନାବାଳିକା ଗଣଦୁଷ୍କର୍ମ ମାମଲାରେ ଯବାନ କିମ୍ବା ମାଓବାଦୀ ତାହା ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ଠିକ୍ ବାଟରେ ଯାଉଥିବା ଡା. ଶର୍ମା କହିଛନ୍ତି ।

# ବିଜେପିର ଅପପ୍ରଚାର କେବେ ସଫଳ ହେବନି : ପ୍ରତାପ

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମଧ ବିଏମ୍ଏସ୍ ସହ ସହବନ୍ଧିତ ଅଙ୍ଗନୱାଡ଼ି କର୍ମୀମାନେ ନିଜ ଜିଦ୍‌ରେ ଅଟଳ ରହି ଧାରଣା ଅବ୍ୟାହତ ରଖିଛନ୍ତି । ଏହା ଠିକ୍ ନୁହେଁ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପ୍ୟାକେଜ୍ ସମସ୍ତଙ୍କ ପାଇଁ ଉର୍ଦ୍ଦିଷ୍ଟ ବୋଲି ସାଂସଦ ତଥା ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି । ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ, ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅଙ୍ଗନୱାଡ଼ି କର୍ମୀମାନେ ଧାରଣାରୁ ନିବୃତ୍ତ ହୋଇ କାର୍ଯ୍ୟରେ ଯୋଗଦିଅନ୍ତୁ । ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ଉଚିତ୍ ପ୍ରାପ୍ୟ କର୍ମୀ ଓ ସହାୟିକା ମାନଙ୍କୁ ଦିଆଯାଇଛି । ଅନ୍ୟପକ୍ଷରେ ବିଜେପି ଶାସିତ ରାଜ୍ୟ ଉତ୍ତରପ୍ରଦେଶ, ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ରରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କୁ କେତେ ପ୍ରାପ୍ୟ ଦିଆଯାଉଛି ତାହାର ତଥ୍ୟ ପ୍ରକାଶ କରିବାକୁ ପ୍ରତାପ ଦେବ କେନ୍ଦ୍ର ଓ ରାଜ୍ୟ ବିଜେପିକୁ ଆହ୍ୱାନ ଦେଇଛନ୍ତି । ବିଜେପି ବର୍ତ୍ତମାନ ଏହାକୁ ନେଇ ରାଜନୀତି କରିବାକୁ ଚାହୁଁଛି । ବିଜେପିର ଏହି ରଣନୀତି କେବେ ସଫଳ ହେବ ନାହିଁ ବୋଲି ଶ୍ରୀ ଦେବ କହିଥିଲେ । ବିଜେପି ଏହାର ଜବାବରେ କହିଛି ଯେ, ରାଜ୍ୟ ସରକାର ଚଞ୍ଚକତା କରି ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ କରିବା ପରିବର୍ତ୍ତେ ଆବଶ୍ୟକ ପଦକ୍ଷେପ ନେବା ଉଚିତ । ରାଜ୍ୟରେ ଏହି ଅଙ୍ଗନୱାଡ଼ି କର୍ମୀମାନେ ଗରିବ ମହିଳା ଓ ଶିଶୁଙ୍କ ଯତ୍ନ ନେଇଥାନ୍ତି । ତେଣୁ ଏହି ମା'ଭଉଣୀମାନଙ୍କୁ ମାସେରୁ ଊର୍ଦ୍ଧ୍ୱ ଖରାବର୍ଷାରେ ବସାଇ ନିର୍ଯାତନା ଦେବା ଦୁର୍ଭାଗ୍ୟଜନକ । ଏହା ପ୍ରତିବାଦରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ମା' ଓ ଝିଅକୁ ଜାଳିଦେଲା ପାଗଳ ପ୍ରେମିକ

**ଆସିକା : ଏକ୍ସପ୍ରେସ୍ ନ୍ୟୁଜ୍**

ଏକତରଫା ପ୍ରେମର କରୁଣ ପରିଣତି । ପ୍ରେମ ନିବେଦନ କରି ବିଫଳ ହେବା ପରେ ହତାଶ ପ୍ରେମିକ ଏକ ଅଭାବନୀୟ ଘଟଣା ଘଟାଇଛି । ପ୍ରେମିକ ଜଣଙ୍କ ଘରେ ପଶି ରୋଷେଇ କରୁଥିବା ପ୍ରେମିକା ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲା । ଝିଅକୁ ବଞ୍ଚାଇବାକୁ ଯାଇ ମା' ମଧ୍ୟ ଗୁରୁତର ଭାବେ ଜଳିଯାଇଥିଲେ । ଉଭୟଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଭିଜିଲାନ୍ସ ଜାଲରେ ପିଇଓ

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଖରିପୁଟ ଗ୍ରାମ ପଞ୍ଚାୟତର ପିଇଓ ରାମକୃଷ୍ଣ ପାଣିଗ୍ରାହୀ ୪୦,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଛନ୍ତି । ସେ ଇନ୍ଦୁପୁରଠାରେ ଏକ ଶବସତ୍କାର ଗୃହ ନିର୍ମାଣ ଲାଗି ବନମାଳି ଭୁଟାନଙ୍କଠାରୁ ଏହି ଅର୍ଥ ଦାବି କରିଥିଲେ । ଭୁଟାନ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ । ୪୦,୦୦୦ଟଙ୍କା ଲାଞ୍ଚ ନେଉଥିବା ବେଳେ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ପିଇଓଙ୍କୁ ଧରି ଲାଞ୍ଚ ଟଙ୍କା ଜବତ କରିଥିଲେ ।

# ରାଜ୍ୟର ଏକ ତୃତୀୟାଂଶରୁ ଅଧିକ ପୁରୁଷ ନିଶା ସେବନ କରନ୍ତି

**ଭୁବନେଶ୍ୱର : ତଥ୍ୟ**

ଓଡ଼ିଶାର ପାଖାପାଖି ୪୦ ପ୍ରତିଶତ ପୁରୁଷ ମଦ୍ୟପାନ କରୁଛନ୍ତି । ମଦ ସମେତ ଅନ୍ୟାନ୍ୟ ତମାଖୁ ସେବନ ଯୋଗୁଁ ଓଡ଼ିଶାରେ ନିଶାଡ଼ିଙ୍କ ହାର ଜାତୀୟ ହାରଠାରୁ ଢେର ଅଧିକ ।

ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ-୪ର ତଥ୍ୟ ବିଶ୍ଳେଷଣରୁ ଏହା ଜଣାପଡ଼ିଛି । ରାଜ୍ୟରେ ପୁରୁଷଙ୍କ ମଧ୍ୟରୁ ୩୯.୩ ପ୍ରତିଶତ ମଦ ସମେତ ବିଭିନ୍ନ ପ୍ରକାରର ଆଲ୍‌କହଲ ସାମଗ୍ରୀ ସେବନ କରୁଥିବାବେଳେ ୫୫.୯ ପ୍ରତିଶତ ତମାଖୁ ବ୍ୟବହାରରେ ଅଭ୍ୟସ୍ତ । ତେବେ ମହିଳାମାନଙ୍କ କ୍ଷେତ୍ରରେ ଏହି ହାର ଓଡ଼ିଶାରେ ଢେର କମ୍ ରହିଛି । ମହିଳାମାନଙ୍କ ମଧ୍ୟରେ ମାତ୍ର ୨.୪ ପ୍ରତିଶତ ମଦ ଓ ଅନ୍ୟାନ୍ୟ ଆଲ୍‌କହଲ ସେବନ କରୁଥିବାବେଳେ ୧୭.୩ ପ୍ରତିଶତ ତମାଖୁ ନେଉଛନ୍ତି ।

ସର୍ବ ଭାରତୀୟ ସ୍ତରରେ ପୁରୁଷମାନଙ୍କ ମଧ୍ୟରେ ୨୯.୩ ପ୍ରତିଶତ ମଦସେବନ କରୁଥିବାବେଳେ ୪୪.୮ ପ୍ରତିଶତ ତମାଖୁ ସେବନକାରୀ । ୨୦୦୫-୦୬ର ସର୍ଭେ ତୁଳନାରେ ୨୦୧୫-୧୬ ବେଳକୁ ଏହି ହାର କମିଛି । ତେବେ ୨୦୧୫-୧୬ ବର୍ଷ ଲାଗି କରାଯାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ-୪ ତଥ୍ୟରେ ଯାହା ଦର୍ଶାଯାଇଛି ସେଥିରୁ ଓଡ଼ିଶାରେ ମଦୁଆ ଓ ତମାଖୁ ସେବନକାରୀଙ୍କ ହାର ଜାତୀୟ ହାରଠାରୁ ଢେର ଅଧିକ ରହିଛି ।

ଏହି ସର୍ଭେ ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ବିବାହିତା ମହିଳାଙ୍କ ମଧ୍ୟରୁ ଅନ୍ୟୁନ ୩୫.୨ ପ୍ରତିଶତ ସେମାନଙ୍କ ସ୍ୱାମୀମାନଙ୍କ ଦ୍ୱାରା ନିର୍ଯ୍ୟାତିତା । ସେହିଭଳି ରାଜ୍ୟରେ ପାଖାପାଖି ୪୦ ପ୍ରତିଶତ ମହିଳା ଘରୋଇ ଓ ଯୌନ ହିଂସାର ଶିକାର ହେଉଛନ୍ତି । ମହିଳାମାନଙ୍କ ମଧ୍ୟରୁ ଅନ୍ୟୁନ ୫୧ ପ୍ରତିଶତ ରକ୍ତହୀନତା ଭୋଗୁଥିବାବେଳେ ଓଡ଼ିଶାରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୨୮.୪ ପ୍ରତିଶତ ଦର୍ଶାଯାଇଛି । ଏବେ ବି ରାଜ୍ୟରେ ୩ ପ୍ରତିଶତରୁ ଊର୍ଦ୍ଧ୍ୱ ଅନ୍ତଃସତ୍ତ୍ୱା ମହିଳା ହିଂସାର ଶରବ୍ୟ ହେଉଛନ୍ତି । ତେବେ ଗତ ୧୦ ବର୍ଷ ମଧ୍ୟରେ ମହିଳାମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିବା ସହିତ ଶିଶୁମୃତ୍ୟୁ ଓ ମାତୃମୃତ୍ୟୁ ହାର ବହୁ ପରିମାଣରେ ହ୍ରାସ ପାଇଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୧ ବେଳକୁ ଦେଶରେ ମହିଳାଙ୍କ ହାରାହାରି ସନ୍ତାନ ସଂଖ୍ୟା ୩.୪ ଥିବାବେଳେ ଏବେ ତାହା କମି କମି ୨.୨ରେ ପହଞ୍ଚିଛି । ସେହିଭଳି ଗତ ପାରିବାରିକ ସ୍ୱାସ୍ଥ୍ୟ ସର୍ଭେ ବେଳକୁ ଡାକ୍ତରଖାନାରେ ମାତ୍ର ୩୫.୬ ପ୍ରତିଶତ ଶିଶୁ ଜନ୍ମ ନେଇଥିବାବେଳେ ଏବେ ଏହି ହାର ପ୍ରାୟ ୮୫.୪ ପ୍ରତିଶତରେ ପହଞ୍ଚିଛି । ବିଭିନ୍ନ କିସମର ଟୀକାଦାନ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଢେର ପ୍ରଗତି ଲକ୍ଷ୍ୟ କରାଯାଉଛି । ଏହାସତ୍ତ୍ୱେ ବି ରାଜ୍ୟର ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରେ ୩୪ ପ୍ରତିଶତଙ୍କର ଓଜନ ଢେର୍ କମ୍ ରହୁଥିବାବେଳେ ପୁଷ୍ଟିହୀନତା ରୋକିବା କ୍ଷେତ୍ରରେ କିଛିଟା ପ୍ରଗତି ଆସିଥିଲେ ମଧ୍ୟ ଏହା ଏବେ ବି ଉଦ୍‌ବେଗଜନକ ସ୍ଥିତିରେ ରହିଛି । ଓଡ଼ିଶାରେ ପୁରୁଷମାନଙ୍କ ମଧ୍ୟରେ ସାକ୍ଷରତା ହାର ୮୪.୩ ପ୍ରତିଶତ ଥିବାବେଳେ ମହିଳାମାନଙ୍କ କ୍ଷେତ୍ରରେ ତାହା ୬୭.୪ ପ୍ରତିଶତ ରେକର୍ଡ କରାଯାଇଛି । ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ମହିଳାମାନେ ଏବେ ବି ଢେର୍ ପଛରେ ରହିଛନ୍ତି । ଦଶ ବର୍ଷ କିମ୍ବା ତଦୁର୍ଦ୍ଧ ସମୟ ସ୍କୁଲ୍‌ରେ ବିତାଇଥିବା ମହିଳାଙ୍କ ହାର ଓଡ଼ିଶାରେ ଏବେ ୨୬.୭ ପ୍ରତିଶତରେ ସୀମିତ ରହିଛି । ସହରାଞ୍ଚଳରେ ଏହି ହାର ୪୩.୯ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ଏହା ମାତ୍ର ୨୩ ପ୍ରତିଶତ ଥିବା ଉକ୍ତ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ।

GRIDCO
Empowering Odisha

ଶକ୍ତି ସଂରକ୍ଷଣ ହିଁ ଶକ୍ତି ଉତ୍ପାଦନ






- ପୂଜା ମଣ୍ଡପକୁ ଆଇନ୍‌ସମ୍ମତ ବିଦ୍ୟୁତ୍ ସଂଯୋଗ ନେଇ ଆଲୋକିତ କରନ୍ତୁ । ସବିଶେଷ ବିବରଣୀ ପାଇଁ ନିକଟସ୍ଥ ବିଦ୍ୟୁତ୍‌କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
- ବିଦ୍ୟୁତ୍ ସୁରକ୍ଷା ନିୟମ ମାନି ଚଳନ୍ତୁ ଏବଂ ସୁରକ୍ଷିତ ଭାବରେ ରୁହନ୍ତୁ।
- ବିଦ୍ୟୁତ୍ ଚୋରି ଏକ ଦଣ୍ଡନୀୟ ଅପରାଧ ଅଟେ । ବିଦ୍ୟୁତ୍ ଚୋରିରୁ ନିବୃତ୍ତ ରୁହନ୍ତୁ ଏବଂ ଅନ୍ୟକୁ ନିବୃତ୍ତ ରହିବାକୁ କୁହନ୍ତୁ।
- ଛାତ ଉପରେ ସୌର ବିଦ୍ୟୁତ୍ ପ୍ଲାଣ୍ଟ ଯନ୍ତ୍ର ସ୍ଥାପନ କରି ବିଦ୍ୟୁତ୍ ଶକ୍ତି ପାଆନ୍ତୁ । ଏଥିପାଇଁ ସରକାର ରିହାତି ବ୍ୟବସ୍ଥା କରିଛନ୍ତି।

ଗ୍ରୀଡ୍‌କୋ ଲିମିଟେଡ୍
ଜନପଥ, ଭୁବନେଶ୍ୱର-୭୫୧ ୦୨୨
www.gridco.co.in
CIN-L401090R1995SGC003960

ଶକ୍ତି ବଞ୍ଚାଅ, ଦେଶ ବଞ୍ଚାଅ